# ଭାରତୀୟ ଜନତା ପାର୍ଟି, ଓଡିଶା

ବିଜେପି ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚାର ଗୁରୁତ୍ୱପୂର୍ଣ୍ଣ ବୈଠକ

# ସଂଖ୍ୟାଲଘୁ କମିଶନ ଗଠନ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି : ବିଜେପି

- ରାଜ୍ୟସରକାରଙ୍କ ହୀନ ମାନସିକତା ଯୋଗୁଁ କେନ୍ଦ୍ରସରକାରଙ୍କ ଯୋଜନା ସଂଖ୍ୟାଲଘୁ ବାସିନ୍ଦାଙ୍କ ପାଖରେ ପହଂଚିବାରେ ବିଫଳ
- ଜାନୁଆରୀ ୩୧ ଏବଂ ଫେବୃଆରୀ ୧ରେ ଦିଲ୍ଲୀଠାରେ ଦୁଇ ଦିନିଆ ରାଷ୍ଟ୍ରୀୟ ମହାଧିବେଶନ
- ରାଷ୍ଟ୍ରୀୟ ମହାଧିବେଶନକୁ ସଫଳ କରିବା ଏବଂ ମୋର୍ଚ୍ଚାର ଆଗାମୀ ରଣନୀତି ସଂପର୍କରେ ଆଲୋଚନା
- ରାଜ୍ୟର ସଂଖ୍ୟାଲଘୁ ବାସିନ୍ଦା ହକ୍ ପାଇଁ ଲଢେଇ କରିବ ବିଜେପି

**ଭୁବନେଶ୍ୱର, ତା.୨୯/୧୨ :** ଦୀର୍ଘ ୧୯ ବର୍ଷ ଧରି ରାଜ୍ୟସରକାର ସଂଖ୍ୟାଲଘୁ ବାସିନ୍ଦାଙ୍କ ପ୍ରତି ଅବହେଳା କରିଆସୁଛନ୍ତି । ଏପରିକି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରୁ ଲାଭ ଉଠାଇବାରୁ ବଂଚିତ ରହୁଛନ୍ତି ଲକ୍ଷ ଲକ୍ଷ ସଂଖ୍ୟାଲଘୁ ବାସିନ୍ଦା । ଅନ୍ୟପଟେ ରାଜ୍ୟସରକାର ସଂଖ୍ୟାଲଘୁ କମିଶନ ଗଠନ କରିବାରେ ସଂପୂର୍ଣ୍ଣ ଭାବେ ବିଫଳ ହୋଇଛନ୍ତି ବୋଲି ରାଜ୍ୟ ବିଜେପି ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ଶେଖ ମହତାବ କହିଛନ୍ତି ।

ରାଜ୍ୟରେ ବସବାସ କରୁଥିବା ମୁସଲମାନ, ଖ୍ରୀଷ୍ଟିଆନ, ଜୈନ, ଶିଖ, ବୌଦ୍ଧ ଆଦି ସଂପ୍ରଦାୟର ସଂଖ୍ୟାଲଘୁ ବାସିନ୍ଦାଙ୍କ ପାଇଁ କେନ୍ଦ୍ର ସରକାରଙ୍କ ବହୁ କଲ୍ୟାଣମୂଳକ ଯୋଜନାଗୁଡିକ ସଠିକ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ । ଏଥି ପାଇଁ ଦୀର୍ଘ ଦିନ ଧରି ଶାସନ କ୍ଷମତାରେ ଥିବା ଶାସକ ବିଜେଡିର ଅପାରଗତା ଏବଂ ଆନ୍ତରିକତାର ଅଭାବ ମୂଳ କାରଣ । ଆଗାମୀ ଦିନରେ ରାଜ୍ୟର ସଂଖ୍ୟାଲଘୁ ବାସିନ୍ଦାଙ୍କ ହକ୍ ପାଇଁ ବିଜେପି ଲଢେଇ କରିବ ବୋଲି ଶେଖ ମହତାବ କହିଛନ୍ତି ।

ମୋଦି ସରକାର କେନ୍ଦ୍ରରେ ଆସିବା ପରେ ସଂଖ୍ୟା ଲଘୁ ମନ୍ତ୍ରାଣାଳୟରେ ବାର୍ଷିକ ବଜେଟରେ ୧୦% ପ୍ରତିଶତ ହାରରେ ବଢାଇ ଚାଲିଛନ୍ତି । ସ୍କିଲ ଡେଭଲପେମେଂଟରେ ସଂଖ୍ୟାଲଘୁ ମାନଙ୍କୁ ବିଶେଷ ସୁବିଧା ମିଳୁଛି । ସଂଖ୍ୟାଲଘୁ ବର୍ଗର ଯୁବକ ଯୁବତୀ ମାନଙ୍କର ଦକ୍ଷତା ବିକାଶ ପାଇଁ ମୋଦି ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ । ୧ହଜାରରୁ ଅଧିକ ଆଇଟିଆଇ ପ୍ରତିଷ୍ଠାନ ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କ ପାଇଁ କେନ୍ଦ୍ର ସରକାରଙ୍କ ସଂପୂର୍ଣ୍ଣ ସହଯୋଗରେ ପ୍ରତିଷ୍ଠା ହୋଇଛି । ଦେଶର ୧ କୋଟି ୩୦ଲକ୍ଷରୁ ଅଧିକ ସଂଖ୍ୟାଲଘୁ ଛାତ୍ରଛାତ୍ରୀ ମାନଙ୍କୁ ମିଳୁଛି ସ୍ୱତନ୍ତ୍ର ଛାତ୍ରବୃତି । ତିନି ତଲାକକୁ ବେଆଇନ ଘୋଷଣା କରି ମୁସଲମାନ ମା ଭଉଣୀଙ୍କ ସାମାଜିକ ସୁରକ୍ଷା ଦିଗରେ ଏକ ବଡ ପଦକ୍ଷେପ ନିଆଯାଇଛି । ଉଜ୍ଜଳା ଯୋଜନାରେ ଗ୍ୟାସ ସଂଯୋଗ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର, ସ୍ୱଚ୍ଛ ଭାରତରେ ଘରେ ଘରେ ପାଇଖାନା ନିର୍ମାଣ ଆଦିରେ ସଂଖ୍ୟାଲଘୁ ହିତାଧିକାରୀମାନଙ୍କୁ ପ୍ରଥମ ପ୍ରାଥମିକତା ମୋଦି ସରକାର ଦେଇଛନ୍ତି ବୋଲି ଶେଖ ମହତାବ କହିଛନ୍ତି ।

ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ବିଜେପି ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚାର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୋର୍ଚ୍ଚାର ରାଜ୍ୟ ସଭାପତି ଶେଖ ମହତାବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୋର୍ଚ୍ଚାର ସମସ୍ତ ରାଜ୍ୟ ପଦାଧିକାରୀ ଏବଂ ଜିଲ୍ଲା ସଭାପତିମାନେ ଯୋଗ ଦେଇଥିଲେ । ରାଜ୍ୟ ଉପ ସଭାପତି ଶ୍ରୀ ସମୀର ମହାନ୍ତି, ମୋର୍ଚ୍ଚାର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଏସ.ଏମ.ଆକ୍ରମ, ରାଜ୍ୟ ପ୍ରଭାରୀ ମିର୍ଜା ଇଜାଜ ବେଗ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ସାଂଗଠନିକ କାର୍ଯ୍ୟକଳାପ ସଂପର୍କରେ ଆଲୋଚନା ଏବଂ ସମୀକ୍ଷା କରିଥିଲେ । ମୋର୍ଚ୍ଚାର ତୃଣମୂଳ ସଂଗଠନକୁ ସୁଦୃଢ କରିବା, ବିଜେପି ସରକାରର ବିଭିନ୍ନ କଲ୍ୟାଣମୂଳକ ଯୋଜନାର ସୁପ୍ରଚାର କରିବା ସହ ଜନସାଧାରଣଙ୍କୁ ଅବଗତ କରାଇବା ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା ବୋଲି ଶେଖ ମହତାବ କହିଛନ୍ତି ।

ଆସନ୍ତା ଜାନୁଆରୀ ୩୧ ଏବଂ ଫେବୃଆରୀ ୧ ତାରିଖରେ ମୋର୍ଚ୍ଚାର ଦୁଇ ଦିନିଆ ରାଷ୍ଟ୍ରୀୟ ମହାଧିବେଶନ ଦିଲ୍ଲୀଠାରେ ଅନୁଷ୍ଠିତ ହେବ । ଏହି ବୈଠକରେ ମହାଧିବେଶନକୁ ସଫଳ କରିବା ଏବଂ ମୋର୍ଚ୍ଚାର ଆଗାମୀ ରଣନୀତି ସଂପର୍କରେ ଆଲୋଚନା ହୋଇଥିଲା ।

**(ବିଜେପି ମିଡିଆ ସେଲ୍)**